ଦ୍ୱାବିଂଶ ବର୍ଷ
ସଂଖ୍ୟା : ୧୬୫
୧୯ ଶକାବ୍ଦ
ତିଥି : ଦ୍ୱିତୀୟା
୧୯ ମାର୍ଚ୍ଚ ୨୦୧୮, ସୋମବାର
ଭୁବନେଶ୍ୱର
ପୃଷ୍ଠା-୧୬, ମୂଲ୍ୟ- ଟ. ୪.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar • Balasore • Angul • Berhampur • Sambalpur


## ଆଇଆଇଟି ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତିଙ୍କ ଗୁରୁମନ୍ତ୍ର

# ପରିବାର ନୁହେଁ ସମାଜ ପାଇଁ କାମ କର



- ଇନ୍‌ଷ୍ଟିଚ୍ୟୁଟ ଅଫ୍ କେମିକାଲ ଟେକ୍ନୋଲୋଜି ଓଡ଼ିଶା କ୍ୟାମ୍ପସ୍ ଉଦ୍‌ଘାଟିତ
- ସ୍କିଲ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟର ଭିତ୍ତିପ୍ରସ୍ତର ସ୍ଥାପନ
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଶଂସା

ଜଟଣୀ/ଭୁବନେଶ୍ୱର , ୧୮।୩ (ସବ୍ୟୁ): କେବଳ ନିଜ ପାଇଁ କି ପରିବାର ପାଇଁ ନୁହେଁ । ସମାଜ ପାଇଁ କାମ କର । ନିଜର ସ୍ୱତନ୍ତ୍ରତାକୁ ବିନିଯୋଗ କରି ଜାତିର ସେବା କରିବାକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭୁବନେଶ୍ୱର ଆଇଆଇଟିର ଛାତ୍ରଛାତ୍ରୀମାନଙ୍କୁ ଏହି ଗୁରୁମନ୍ତ୍ର ଦେଇଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଆଇଆଇଟି କ୍ୟାମ୍ପସରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ କେମିକାଲ ଟେକ୍ନୋଲୋଜି (ଆଇସିଟି) ଇଣ୍ଡିଆନ ଅଏଲ ଓଡ଼ିଶା କ୍ୟାମ୍ପସର ଉଦ୍‌ଘାଟନ କରିବା ସହ ସ୍କିଲ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସ୍କିଲ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଦେଶରେ ପ୍ରଥମ ଏପରି ଇନଷ୍ଟିଚ୍ୟୁଟ ହେବ ଓ ଏହା ଆଗାମୀ ଦଶ ବର୍ଷରେ ୫୦ ହଜାର ଯୁବକଙ୍କୁ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରଖା ଯାଇଥିବା ଜାଣି ସେ ଅତ୍ୟନ୍ତ ଆନନ୍ଦିତ ବୋଲି ସେ କହିଛନ୍ତି ।

ଭୁବନେଶ୍ୱର ଅରଗୁଳ କ୍ୟାମ୍ପସଠାରେ ଆଇଆଇଟି ଷଷ୍ଠ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯେ, ଜଣେ ଆଇଆଇଟିଆନ ଭାବେ ଦେଶପ୍ରତି ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । କେବଳ ନିଜ ପାଇଁ ବା ପରିବାର ପାଇଁ ନୁହେଁ, ସମାଜ ପାଇଁ କାମ କରିବା ଦରକାର । ଏଥିସହ ନିଜର ସ୍ୱତନ୍ତ୍ରତା ଦ୍ୱାରା ଦେଶ ଓ ଜାତିର ସେବା କରିବାକୁ ସେ ନିଜ ଅଭିଭାଷଣରେ ଏହା କହିଛନ୍ତି ।

ଏହି ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ନିଜକୁ ଧନ୍ୟ ମନେ କରୁଛନ୍ତି ବୋଲି ଉଲ୍ଲେଖ କରି ରାଷ୍ଟ୍ରପତି କହିଥିଲେ ଯେ, ଏହି ଶିକ୍ଷାନୁଷ୍ଠାନ ଇତିହାସମୟ ବରୁଣେଇ ପାହାଡ଼ ଉପରେ ଅବସ୍ଥିତ । ୨୦୦ ବର୍ଷ ପୂର୍ବ ପାଇକ ବିଦ୍ରୋହ ଗାଥା ଓ ୧୮୧୭ ମସିହାରେ ଘଟିଥିବା ଏହି ବିଦ୍ରୋହର ନେତା ବକ୍ସି ଜଗବନ୍ଧୁଙ୍କ ଉପରେ କହିବା ସହ ୧୮୫୭ ସିପାହୀ ବିଦ୍ରୋହଠାରୁ ଏହି ସ୍ୱାଧୀନତା ସଂଗ୍ରାମ ଯଥେଷ୍ଟ ଶକ୍ତିଶାଳି ଥିଲା ବୋଲି ଶ୍ରୀ କୋବିନ୍ଦ କହିଥିଲେ ।

ଆଇଆଇଟିର ଛାତ୍ରଛାତ୍ରୀ ମାନେ ଅଭିନବ ଚିନ୍ତାଧାରାକୁ ସାକାର କରନ୍ତୁ । ►► ୯ ପୃଷ୍ଠା